# ବିଜେଡି ପାଇଁ ସ୍ୱାଧୀନ, ବିରୋଧୀ ପ୍ରାର୍ଥୀ ଅଡୁଆ

## ଫୁଲବାଣୀ ନିର୍ବାଚନମଣ୍ଡଳୀ

ଫୁଲବାଣୀ, ୬।୫(ରାକେଶ କୁମାର ରାଉତ)

ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। କନ୍ଧମାଳ ଜିଲା ଫୁଲବାଣୀ ନିର୍ବାଚନମଣ୍ଡଳୀରେ ଏଥର ନିର୍ବାଚନ ଖୁବ୍ ରୋମାଞ୍ଚକର ହେବ । ବହୁ ବର୍ଷ ଧରି ଏହି ଆସନକୁ ଦଖଲରେ ରଖିଥିବା ବିଜେଡି ପାଇଁ ଏଥର ନିର୍ବାଚନ କଷ୍ଟକର ହେବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏବେ ସ୍ୱାଧୀନ ଏବଂ ବିଜେଡି ଛାଡି ଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ବିଜେଡି ପାଇଁ ଚିନ୍ତାର କାରଣ ପାଲଟିଛି। ଫୁଲବାଣୀ ନିର୍ବାଚନମଣ୍ଡଳୀରେ ଏଥର ଲଢ଼େଇ ଜୋରଦାର ହେବ ବୋଲି ଆକଳନ କରାଯାଉଛି। ସେପଟେ ବହୁଦିନରୁ କ୍ଷମତାରୁ ଦୂରରେ ଥିବା କଂଗ୍ରେସ ଏସବୁ ପରିସ୍ଥିତିର ଫାଇଦା ନେଇ ସଫଳତା ହାସଲ କରିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି । ଗତ ଦୁଇଟି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ଭାଜପା ମଧ୍ୟ ଗୋଳିଆ ପାଣିରୁ ଫାଇଦା ନେବାକୁ ଚେଷ୍ଟା କରୁଛି ।

ଫୁଲବାଣୀ ନିର୍ବାଚନମଣ୍ଡଳୀ ୪ଟି ବ୍ଲକକୁ ନେଇ ଗଠିତ। ଫୁଲବାଣୀ ବ୍ଲକର ୧୧ ପଞ୍ଚାୟତ, ଖଜୁରିପଡା ବ୍ଲକର ୧୪ ପଞ୍ଚାୟତ, ଫିରିଙ୍ଗିଆ ବ୍ଲକର ୨୪ ପଞ୍ଚାୟତ ଏବଂ ଚକାପାଦ ବ୍ଲକର ୧୨ ପଞ୍ଚାୟତକୁ ମିଶାଇ ୬୧ ପଞ୍ଚାୟତରେ ଚଳିତ ଥର ୧ ଲକ୍ଷ ୯୮ ହଜାର ୮୩୯ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ୯୬ ହଜାର ୭୦୮ ଓ ମହିଳା ୧ଲକ୍ଷ ୨ ହଜାର ୧୧୧ ଅଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀ ଦୁର୍ନୀତି, ଭ୍ରଷ୍ଟାଚାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନକୁ ମୁଦ୍ଦା କରି ଭୋଟରଙ୍କ ପାଖକୁ ଯାଇ ନିଜ ସପକ୍ଷରେ ଭୋଟ ଦେବାକୁ ରଣନୀତି ଆପଣେଇଛନ୍ତି। ଫୁଲବାଣୀ ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ବିଜେଡି ଦୁଇ ଥର ବିଧାୟକ କରିଥିବା ବେଳେ କୌଣସି ପ୍ରାର୍ଥୀଙ୍କୁ ରିପିଟ କରିନାହିଁ। ଏହି ନିର୍ବାଚନମଣ୍ଡଳୀ ସବୁବେଳେ ନୂଆ ବିଧାୟକ ଦେଖି ଆସୁଛି । ଭାଜପା ଦେବନାରାୟଣ ପ୍ରଧାନଙ୍କୁ ୩ ଥର ସୁଯୋଗ ଦେଇଥିଲେ ହେଁ ସେ ପରାଜୟ ବରଣ କରିଛନ୍ତି। ଦଳ ଏଥର ଚକାପାଦ ବ୍ଲକର ଉମାଚରଣ ମଲ୍ଲିକଙ୍କୁ ଟିକେଟ ଦେଇ ରିସ୍କ ଉଠାଇଛି। ସେହିପରି କଂଗ୍ରେସ ମଧ୍ୟ ବିଜେଡି ପରି ନୂଆ ପ୍ରାର୍ଥୀ ଦେଇ ପରୀକ୍ଷା କରି ଆସୁଛି। ଦଳ ଏଥର ଜଣେ ମହିଳାଙ୍କୁ ପ୍ରାର୍ଥୀ କରି ସିଟ୍ ଜିତିବ ବୋଲି ଆଶା ରଖିଛି।

ପୂର୍ବରୁ କଂଗ୍ରେସର ଗଡ ଭାବେ ପରିଚିତ ଥିବା ଫୁଲବାଣୀ ବିଧାନସଭା କ୍ଷେତ୍ର ୨୦୦୦ରୁ ବିଜେଡି କବ୍ଜାରେ ରହିଛି। ଗତ ତିନୋଟି ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୨୦୧୯ରେ ବିଜେଡିର ଅଙ୍ଗଦ କହଁର ୬୫ ହଜାର ୫୬୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପାର ଦେବନାରାୟଣ ପ୍ରଧାନ ୪୧ ହଜାର ୧୪୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟରେ ଥିବାବେଳେ କଂଗ୍ରେସର କିଶୋର କହଁର ୨୩ ହଜାର ୩୧୭ ଖଣ୍ଡ ଭୋଟ ପାଇ ପଛରେ ଥିଲେ ।

ଜୟଶ୍ରୀ କହଁର ପୂର୍ବରୁ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଥିବାବେଳେ ଏବେ ଜିଲା ପରିଷଦ ସଦସ୍ୟ ଅଛନ୍ତି । ତାଙ୍କର ସାଙ୍ଗଠନିକ ଦକ୍ଷତା ସେଭଳି କିଛି ନାହିଁ । କେବଳ ଦଳୀୟ ଚିହ୍ନ ଏବଂ ନବୀନଙ୍କ ବିକାଶକୁ ନେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି । ଭାଜପା ପ୍ରାର୍ଥୀ ଉମା ଚରଣ ମଲ୍ଲିକ ପୂର୍ବରୁ ବ୍ୟାଙ୍କ କର୍ମଚାରୀ ଥିଲେ । ଅବସର ପରେ ସେ ରାଜନୀତିକୁ ଓହ୍ଲାଇ ଚକାପାଦ ସରପଞ୍ଚ ହୋଇଥିଲେ । ତାଙ୍କର ମଧ୍ୟ ସେଭଳି ରାଜନୈତିକ ଦକ୍ଷତା ନାହିଁ । ସେ ମୋଦିଙ୍କର ବିକାଶ ହାୱା ଏବଂ ବିଜେଡି ଦୁର୍ନୀତିକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି । କଂଗ୍ରେସ ପ୍ରାର୍ଥୀ ପ୍ରତିଭା କହଁର ଏବେ କନ୍ଧିଗାଁ ସରପଞ୍ଚ ଅଛନ୍ତି। ରାଜ୍ୟରେ ହୋଇଥିବା ଦୁର୍ନୀତି, ମହିଳା ଅତ୍ୟାଚାର, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ମୁଦ୍ଦାକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। କିନ୍ତୁ ବିଜେଡି ପାଇଁ କାଳ ହୋଇଛନ୍ତି ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର । ଦଳ ଏଥର ତାଙ୍କୁ ଟିକେଟ ନ ଦେବାରୁ ସେ ସମାଜବାଦୀ ପାର୍ଟି ତରଫରୁ ନିର୍ବାଚନକୁ ଓହ୍ଲାଇ ବିଜେଡିକୁ ସିଧାସଳଖ ଟକ୍କର ଦେବାକୁ ଅଣ୍ଟା ଭିଡିଛନ୍ତି। ସେହିପରି ଫିରିଙ୍ଗିଆରୁ କେତେକ ସ୍ୱାଧୀନ ପ୍ରାର୍ଥୀ ଠିଆ ହୋଇଥିବାରୁ ସେମାନେ ମଧ୍ୟ ବିଜେଡି ପାଇଁ ଅନ୍ତରାୟ ସୃଷ୍ଟି କରିବେ।

## ସଂକ୍ଷେପରେ

### ବଜ୍ରପାତରେ ଗାଈ ଚରାଳି ମୃତ

ଧରାକୋଟ, ୬।୫ (ବିଷ୍ଣୁକେଶରୀ ଆଚାର୍ଯ୍ୟ)– ଧରାକୋଟ ଥାନା ଅନ୍ତର୍ଗତ ଭରତପଲ୍ଲୀ ଗ୍ରାମରେ ସୋମବାର ବଜ୍ରପାତରେ ଗାଈ ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭରତପଲ୍ଲୀ ଗ୍ରାମର ରଞ୍ଜନ ଗୌଡ଼ (୩୯)। ଗ୍ରାମର ବାପା ବିଜୟ ଗୌଡ଼ ଓ ପୁଅ ରଞ୍ଜନ ଉଭୟେ ମିଶି ସବୁଦିନ ଭଳି ଗୋରୁ ଚରାଇବା ପାଇଁ ଗାଁପଲ ଧରି ସିଂଗିପୁର ଏବଂ ପାଟପୁର ଅଞ୍ଚଳକୁ ଯାଇଥିଲେ । ହଠାତ୍ ଅପରାହ୍ନରେ କାଳ ବୈଶାଖୀ ହୋଇଥିଲା । ଅଚାନକ ବଜ୍ରପାତରେ ସେଠାରେ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇଁ ଗ୍ରାମବାସୀ ତାଙ୍କୁ ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

### କାଳବୈଶାଖୀ ପବନରେ ଗଛ ପଡ଼ି ରାସ୍ତା ଅବରୋଧ

ପାରଳାଖେମୁଣ୍ଡି,୬।୫(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସହରାଞ୍ଚଳରେ ସୋମବାର କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡଘଡି ସାଙ୍ଗକୁ ପବନରେ ବହୁ ଗଛ ଉପୁଡ଼ି ଯାଇଛି । ସହରର ଦୋଳପୋଖରୀ ତଥା ମେଡିକାଲ ରୋଡ ସମେତ ଟ୍ରେଜେରୀ ନିକଟସ୍ଥ ଆଦି ସ୍ଥାନରେ ଗଛ ପଡିଛି। କାଳବୈଶାଖୀର ପ୍ରଭାବରେ ବହୁ ସ୍ଥାନରେ ଗଛ ପଡିବା ସହ ବିଦ୍ୟୁତ ଖୁଣ୍ଟ ଉପୁଡିବା ଏବଂ ଗଛ ପଡିବା ଯୋଗୁ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି ହୋଇଛି । ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅଞ୍ଚଳ ଅନ୍ଧକାର ମୟ ହୋଇଥିବା ବେଳେ ରାସ୍ତା ଉପରେ ପଡିଥିବା ଗଛ ଗୁଡିକୁ ହଟାଇବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଏହି ଅଦିନିଆ ବର୍ଷା ତଥା କାଳବୈଶାଖୀ ଯୋଗୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସାମାନ୍ୟ ଆଶ୍ୱସ୍ତୀ ମିଳିଛି।

### ପରିତ୍ୟକ୍ତ କୂଅରୁ ଗୋରୁ ଉଦ୍ଧାର

ଖଜୁରିପଡ଼ା,୬।୫(ବିଦୁର ବେହେରା)– ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଝଗଡ଼ ପଟା ମଝି ସାହିଠାରେ ଥିବା ଏକ ପରିତ୍ୟକ୍ତ କୂଅରେ ଗୋରୁ ଚରିବା ସମୟରେ ଖସି ପଡ଼ିଥିଲା। ଏହା ଦେଖି ଅଞ୍ଚଳବାସୀ ଅଗ୍ନିଶମ ବାହିନୀକୁ ଖବର ଦେବାରୁ ୯ଟାରେ ଅଗ୍ନିଶମ ବାହିନୀ ପହଞ୍ଚି କୂଅରେ ପଡିଥିବା ଗୋରୁକୁ ଉଦ୍ଧାର କରିଛି।

### ବିଜେଡିର ପ୍ରଚାର ଜୋରଦାର

ଶେରଗଡ,୬।୫(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ ବିଜେଡି ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ମଙ୍ଗଳବାର ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଶେରଗଡ଼ ବ୍ଲକ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ସେ ୨୨ ପଞ୍ଚାୟତରେ ରୋଡ ଶୋ କରିବା ସହିତ ୪ଟି ସାଧାରଣ ସଭାରେ ଯୋଗଦେବେ। ସୋମବାର ଧବଳପୁର ଓ ଡେଙ୍ଗାପଦର ପଞ୍ଚାୟତରେ ଦଳୀୟ ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଧବଳପୁରର ଷୋଳଶଳା, ଛତ୍ରଡେପା ସାହିରେ ପଥପ୍ରାନ୍ତ ସଭା କରାଯାଇଥିଲା। ଡେଙ୍ଗାପଦର, ପଥରପୁଞ୍ଜି, ବାତିଲିକଣା ଗ୍ରାମରେ ସଭା କରି ନବୀନ ପଟ୍ଟନାୟକ ଓ ଲୋକ ସଭା ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ବହୁ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ନିବେଦନ କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ବରିଷ୍ଠ ନେତା ହୀନ ବେହେରା, ହୃଷିକେଷ ପାଢୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ବରୁଣ ପଲେଇ, ସିମାଞ୍ଚଳ ପ୍ରଧାନ, ଗୌରହରି ବିଷୋୟୀ, ଦିଲିପ ପଲେଇ, ରାମକୃଷ୍ଣ ପଲେଇ, ସିଲୁ ଦାଶ ସମେତ ବହୁ ନେତା ପ୍ରଚାର କରିଥିଲେ।

### ଖୁଣ୍ଟକୁ ଧକ୍କା ଦେଲା କାର, ଚାଳକ ମୃତ

ଛତ୍ରପୁର,୬।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଚମାଖଣ୍ଡି ଥାନା ଟାଟା ଷ୍ଟିଲ ପ୍ଲାଣ୍ଟ ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖୁଣ୍ଟକୁ ସୋମବାର ଏକ କାର ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଗାଁର କି. ନାଗେଶ୍ୱର ରେଡ୍ଡୀ। ଭୋର ସମୟରେ ନାଗେଶ୍ୱର ନିଜର କାର ଭଡା ଧରି ଭୁବନେଶ୍ୱରକୁ ଯାଇ ଫେରୁଥିବା ବେଳେ ଟାଟା ଷ୍ଟିଲ ଛକ ନିକଟ ରାଜପଥ ପାର୍ଶ୍ୱ ଖୁଣ୍ଟକୁ ଗାଡ଼ିଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କାର ଚାଳକଙ୍କ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା। ଏନେଇ ନଂ.୧୮୨/ ୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଶେଷଦିନ କାଳୀନୃତ୍ୟ, ବାଘନାଚରେ ଘଟ ପରିକ୍ରମା

## ମା'ଠାକୁରାଣୀ ଯାତ୍ରା ପୂର୍ଣ୍ଣାହୁତି



ପଟୁଆରରେ ମା' ଠାକୁରାଣୀଙ୍କ ଘଟ ଲୋହରା ସାହି ଅଭିମୁଖେ ଯାଉଛନ୍ତି।

ଦାରିଙ୍ଗବାଡି,୬।୫(ଅରୁଣ ସାହୁ)

ଦାରିଙ୍ଗବାଡିଠାରେ ଗତ ୨୩ ତାରିଖଠାରୁ ଚାଲିଥିବା ମା'ଠାକୁରାଣୀଙ୍କ ଯାତ୍ରା ସୋମବାର ସରିଛି। ରବିବାର ମା'ଙ୍କ ଘଟ ପରିକ୍ରମାର ଶେଷ ଦିନ ଥିଲା। ମା'ଙ୍କୁ ବିରାଟ ପଟୁଆରରେ ଲୋହାରସାହି ବାସିନ୍ଦା ନିଜ ସାହିକୁ ନିମନ୍ତ୍ରଣ କରି ନେଇଥିଲେ। ଆନ୍ଧ୍ରପ୍ରଦେଶର କାଳୀ ନୃତ୍ୟ ଓ ବାଘନାଚ ପଟୁଆର ସହ ଘଣ୍ଟ, ଢୋଲ, ଚାଙ୍ଗୁବାଦ୍ୟ ଓ ଆତସବାଜି ମଧ୍ୟରେ ଘଟ ପରିକ୍ରମା ହୋଇଥିଲା। ମାନସିକଧାରୀମାନେ ବିଭିନ୍ନ ବେଶ ଧାରଣ କରି ଗାଁ ବଜାର ବୁଲିଥିଲେ। ଲୋହରାସାହି ବାସିନ୍ଦାଙ୍କ ପକ୍ଷରୁ ସାହି ସଭାପତି ଅମରେଶ ସାହୁଙ୍କ ସମେତ ଅରୁଣ ପ୍ରଧାନ, ନୃସିଂହ ସାହୁ, ସୁରଥ ପ୍ରଧାନ, ଚନ୍ଦନ ଦାସ, କାଳିଆ ସାହୁ, ଜିଲୁ ଡାକୁଆ, ବିନାୟକ ଡାକୁଆ, ଆଲୋକ ତ୍ରିପାଠୀ, ବସନ୍ତ ବେହେରା, ଅତୁଲ ପ୍ରଧାନ, ଟୁକୁନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଦିନ ଭଳି ଶେଷ ଦିନରେ ମେଲୋଡି ମଧ୍ୟ ହୋଇଥିଲା । ଯାତ୍ରା ଦେଖିବାକୁ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି ପୂଜା କରାଯାଇଥିଲା। ମା ନିଜ ମନ୍ଦିରକୁ ବାହୁଡ଼ିବା ପୂର୍ବରୁ ମାଉସୀଙ୍କ ଘର ନୀଳକନ୍ଦର ସାହିକୁ ପଟୁଆରରେ ଯାଇଥିଲେ। ସେଠାରେ ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ପୋଡ଼ପିଠା ଖାଇ ସ୍ୱମନ୍ଦିରକୁ ଫେରିଥିଲେ। ମଙ୍ଗଳବାର ମା'ଙ୍କୁ ଚାରିଦିଗରେ ପଣା ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଭାଜପାର ମିଶ୍ରଣ ପର୍ବ, ନିର୍ବାଚନ ପ୍ରଚାର

ଛତ୍ରପୁର,୬।୫(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଓ ନିର୍ବାଚନ ପ୍ରଚାର କରାଯାଇଛି। ଏହି ପଞ୍ଚାୟତର ଟାକରିଆ ବ୍ରହ୍ମପୁର ଗାଁରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏଥିରେ ଆର ଦଣ୍ଡପାଣି ରେଡ୍ଡୀ ଓ ଅନ୍ୟମାନେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ନେତା ରାମଚନ୍ଦ୍ର ପଣ୍ଡା, କୃଷ୍ଣ ଚନ୍ଦ୍ର ନାୟକ, ବ୍ରଜମୋହନ ଆଚାର୍ଯ୍ୟ, ପି. ଧର୍ମା ରେଡ୍ଡୀ, ସଯୋଜକ ପ୍ରବୀର ପାତ୍ର, ପ୍ରଦୀପ ପାଢ଼ୀ, ପଦ୍ମ ଚରଣ ସାହୁ, ବସନ୍ତ ବେହେରା ପ୍ରମୁଖ ଏମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ଭାଜପା ଦଳକୁ ସ୍ୱାଗତ କରିଥିଲେ। ପରେ ଛତ୍ରପୁର ବିଧାନସଭା ଆସନ ପାଇଁ ଭାଜପା ପାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ ଓ ବ୍ରହ୍ମପୁର ଲୋକସଭା ପାଇଁ ଭାଜପା ପାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ପାଇଁ ଭୋଟ ଭିକ୍ଷା କରାଯାଇଥିଲା। ଭାଜପା ପକ୍ଷରୁ କଣମଣା ପଞ୍ଚାୟତର ତରେଇ ପାଟପୁର ଗାଁରୁ ନିର୍ବାଚନ ରାଲି ବାହାରି ବାଟ ଛତ୍ରପୁର, କଣମଣା, ଟାକରିଆ ବ୍ରହ୍ମପୁର, ମାତିଖାଲ ଗାଁରେ ଘରକୁ ଘର ଯାଇ ମୋଦିଙ୍କ ଗ୍ୟାରେଣ୍ଟି ସମ୍ପର୍କରେ ଅବଗତ କରାଯିବା ସହ ନବୀନ ସରକାରଙ୍କ ବିଫଳତାକୁ ଭୋଟରଙ୍କୁ ପ୍ରଚାର କରାଯାଇଥିଲା।

# ପାରଳାରେ ବ୍ରହ୍ମପୁର ଲୋକ ସଭା ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର



ସ୍ୱାଧୀନ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ଖବରଦାତା ସମ୍ମିଳନୀ କରୁଛନ୍ତି।

ପାରଳାଖେମୁଣ୍ଡି,୬।୫ (ଗିରିଧାରୀ ପରିଛା):

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ସ୍ୱାଧୀନ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ପାରଳାଖେମୁଣ୍ଡି ସହର ସମେତ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ରୋଡ୍ ଶୋ, ପ୍ରଚାର କରିଛନ୍ତି। ଭି. ଚନ୍ଦ୍ରଶେଖର ୨୦୧୯ ନିର୍ବାଚନରେ ବ୍ରହ୍ମପୁର ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ି ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଚଳିତଥର ସେ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। କୌଣସି ଦଳରେ ଥିବା ବେଳେ ବହୁ କଟକଣା କାରଣରୁ ଲୋକଙ୍କୁ ସେବା ଯୋଗାଇବା ପାଇଁ ବାଧା ସୃଷ୍ଟି ହେଉଥିଲା। ସ୍ୱାଧୀନ ଭାବେ ଲଢି ଲୋକଙ୍କ ସେବା କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି। ପାରଳାଖେମୁଣ୍ଡିରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସହରରେ ରହିଥିବା ଅନେକ ସମସ୍ୟାର ସମାଧାନ କରିବା ଦିଗରେ କାମ କରିବେ ବୋଲି କହିଛନ୍ତି। ଗତ ୩୦ବର୍ଷ ଧରି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ କୌଣସି ପ୍ରାର୍ଥୀ ଲୋକ ସଭାରେ ସ୍ଥାନୀୟ ସମସ୍ୟା କିମ୍ବା ଲୋକଙ୍କ ହିତରେ କୌଣସି ପ୍ରଶ୍ନ ଉଠାଇ ନ ଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନ ବିଜେଡି, ଭାଜପା ଓ କଂଗ୍ରେସର କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳର ପ୍ରାର୍ଥୀ କାହାରି ପାଖରେ ନିଜସ୍ୱ ଭୋଟବ୍ୟାଙ୍କ ନାହିଁ । ସମସ୍ତେ ଦଳ ନାଁରେ ବଡ଼ଲୋକ। ଯଦି ପାରୁଛନ୍ତି ତେବେ ସ୍ୱାଧୀନ ଭାବେ ଲଢ଼ି ଦେଖନ୍ତୁ ବୋଲି ସେ ଦଳୀୟ ପ୍ରାର୍ଥୀଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି। ଚଳିତ ଥର ସେ ଏଆଇସିସିର ଟିକେଟକୁ ପ୍ରତ୍ୟାଖ୍ୟାନ କରି ଲୋକଙ୍କ ଅନୁରୋଧକ୍ରମେ ନାମାଙ୍କନ ଦାଖଲ କରିଥିବା କହିଛନ୍ତି। ସେ କହିଛନ୍ତି, ମୁଁ ଜଣେ ଶିଳ୍ପପତି, ଭଗବାନଙ୍କ ଦୟାରୁ ମୋ ପାଖରେ ଅର୍ଥର ଅଭାବ ନାହିଁ ।ସରକାରୀ ଧନରୁ ଲାଭ ପାଇବା କୌଣସି ଲାଳସା ନାହିଁ । ଯଦି ଲୋକଙ୍କ ସମର୍ଥନ ମିଳେ ତେବେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ରୂପରେଖ ୫ବର୍ଷରେ ବଦଳାଇ ପାରିବା କ୍ଷମତା ଅଛି । ଲୋକଙ୍କ ମତ, ଲୋକଙ୍କ ପ୍ରସ୍ତାବ ଅନୁସାରେ ନିର୍ବାଚନରେ ଭାଗ ନେଇଛି। ଭୋଟର ମାନେ ମୋତେ ହୀରା ଚିହ୍ନରେ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ସେ କହିଛନ୍ତି।

# କଂଗ୍ରେସ ଗଡ଼ରେ ବିଜେଡିର କର୍ମୀ ସମ୍ମିଳନୀ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୬।୫ (ଅରୁଣ ସାହୁ/ମନୋରଞ୍ଜନ ରଣା )

ଦାରିଙ୍ଗବାଡି ବ୍ଲକ ୧୧ ନଂ ଜିଲାପରିଷଦ ଜୋନ ଝିଞ୍ଜିରୀଗୁଡାରେ ସୋମବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଏବଂ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ। ଏଥର ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଶଙ୍ଖ ଚିହ୍ନ ଦେଖାଇ ନିବେଦନ କଲେ ଅଚ୍ୟୁତ ଓ ସାଲୁଗା। ଷଷ୍ଠ ଥର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଏବଂ ଏଥିପାଇଁ ତାଙ୍କ ହାତ ମୁଠାକୁ ଆହୁରି ଟାଣ କରିବାକୁ ହେଲେ ଏମ୍‌ପି ଓ ବିଧାୟକ ପାଇଁ ଡବଲ ଶଙ୍ଖ ଚିହ୍ନରେ ବଟନ ଚିପିବାକୁ ନିବେଦନ କରିଛନ୍ତି। ରାଜ୍ୟର ବିକାଶ ପାଇଁ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ଲୋକ ଚାହୁଁଥିବା କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର ଆଠଟି ପଞ୍ଚାୟତ ତଥା ଝିଞ୍ଜିରୀଗୁଡା ସମେତ କୁମ୍ଭାରୀଗାଁ, କାଟିଙ୍ଗିଆ, ବ୍ରାହ୍ମଣୀଗାଁ, ଗଦାପୁର, ତାଜୁଙ୍ଗିଆ, ହାତୀମୁଣ୍ଡା, ସରାମୁଳି ପଞ୍ଚାୟତର ଶତାଧିକ ସମର୍ଥକ, କର୍ମୀ ଯୋଗଦେଇଥିଲେ।

# କାଳବୈଶାଖୀ: ବର୍ଷା, ପବନ ସହ କୁଆପଥର ମାଡ଼

ଆସିକା,୬।୫(ସୁରେନ୍ଦ୍ର ନାଥ ସାହୁ)

ଆସିକାରେ ସୋମବାର ମଧ୍ୟାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ, ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା । ଏହା ପ୍ରାୟ ୧ଘଣ୍ଟା ଧରି ଲାଗି ରହିଥିଲା। ଏହି ବର୍ଷା ଓ କୁଆପଥର ଯୋଗୁ ଅଞ୍ଚଳରେ ଏକ ପ୍ରକାର ଥଣ୍ଡା ଅନୁଭୂତ ହୋଇଥିଲା ବେଳେ ଦୀର୍ଘଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଉବୁଟୁବୁ ହେଉଥିବା ଅଞ୍ଚଳବାସୀଙ୍କ ଲାଗି ଏହି ଆଶ୍ୱସ୍ତିଭାବ ସୃଷ୍ଟି ହୋଇଛି । ତେବେ ଏହାରି ପ୍ରଭାବରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଯୋଗାଣରେ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଥିଲା।

# ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜି.ଉଦୟଗିରି, ୬।୫(ଶିଶିର ପଟ୍ଟନାୟକ)



ଉଦ୍‌ଘାଟିତ ବିଜେଡିର ନୂତନ କାର୍ଯ୍ୟାଳୟ।

ଜି.ଉଦୟଗିରି ବନ୍ଧ ଛକଠାରେ ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ନଗର ସଭାପତି ପି, ସଞ୍ଜିବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଜେଡିର କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କ ଦ୍ୱାରା ସୋମବାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ସର୍ବ ପ୍ରଥମେ ବିଜୁ ବାବୁଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜି. ଉଦୟଗିରି ବ୍ଲକର କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ଏନ୍‌ଏସି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦଳବେହେରା, ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ବିଜେଡିର ନେତା ମହମ୍ମଦ ନୁର, କିଶୋର କୁମାର ନାୟକ, ପ୍ରଶାନ୍ତ କୁମାର ଦାଶ, ଆମୋଦ ନାୟକ, କ୍ରିଷ୍ଣା କୁମାର ପଣ୍ଡା, କାଳୁ ଚରଣ ପଣ୍ଡା, ସମୀର କୁମାର ପାଢ଼ୀ, ଚିନ୍ମୟ ସେଠୀ, ସିଦ୍ଧେଶ୍ୱରୀ ନାୟକ, ଦେବନାଥ ଦଳବେହେରା, ଏନ.ରାଜା ରାଓ, ବଳରାମ ତ୍ରିପାଠୀ, ସଚ୍ଚିଦାନନ୍ଦ ପ୍ରଧାନଙ୍କ ସମେତ ଅଞ୍ଚଳର ସରପଞ୍ଚ, ସମସ୍ତ ଏନ୍‌ଏସି କାଉନ୍‌ସିଲରଙ୍କ ସହ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

# ଅନୁକୁଣ୍ଡ ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ

ପାରଳାଖେମୁଣ୍ଡି,୬।୫(ଗିରିଧାରୀ ପରିଛା)

ଗଜପତି ଜିଲା ଗୁମ୍ମାବ୍ଲକ ଅନ୍ତର୍ଗତ ଜୀବା ପଞ୍ଚାୟାତ ଅନୁକୁଣ୍ଡ ଗ୍ରାମର ଏମ୍.ଭେଙ୍କଟ ରାଓ, ଏମ. ନାଗେଶର ରାଓ, କେ.ମହୋନ ରାଓ, କେ. ନାଗେଶର ରାଓ, କେ.ଯୋଗାରାଓ ବିଜେଡି ଦଳରେ ସାମିଲ ହେଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଯୋଗଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୋମବାର ସେମାନେ କଂଗ୍ରେସ ଛାଡି ବିଜେଡିର ଯୋଗ ଦେଇଥିବା କହିଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୂପେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ କେ.ସୁରିଆ ରାଓ, ଗୁମ୍ମା ବ୍ଲକ ଉପାଧ୍ୟକ୍ଷ ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପାଇଁ ପ୍ରଚାର କଲେ ବାବୁସାନ୍, ଏଲିନା

ଛତ୍ରପୁର,୬।୫(ଦିଲୀପ ସାମଲ)




ଛତ୍ରପୁର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ସୋମବାର ଚିକଲଖଣ୍ଡି ଓ ଅଗସ୍ତିନୂଆଗାଁ ପଞ୍ଚାୟତରେ ପ୍ରଚାର କରିଛନ୍ତି। ଦୁଇଟି ପଞ୍ଚାୟତରେ ବିଧାୟକଙ୍କୁ ଲୋକେ ବିଭିନ୍ନ ଢ଼ଙ୍ଗରେ ସ୍ୱାଗତ କରିଥିଲେ। ସେହିପରି ଓଲିଉଡ୍ ସୁପରଷ୍ଟାର ବାବୁସାନ୍ ଓ ଏଲିନା ବିଜେଡି ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ସୁବାସଙ୍କୁ ଶଙ୍ଖ ଚିହ୍ନଟରେ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ୍ ଦେଇଥିଲେ। ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବାକୁ ସହଯୋଗ କାମନା କରିଥିଲେ। ୨୦ନଂ ଜିଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି.ପାପା ରାଓ, ଯୁବ ବିଜେଡି ଛତ୍ରପୁର ନିର୍ବାଚନମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳବିହାରୀ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ ।

# ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀଙ୍କ ଭୋଟ ଭିକ୍ଷା

ନୂଆଗଡ, ୬।୫(ଯୋଗ୍ୟବନ୍ତ ପରିଛା)



ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର।

ମୋହନା ନିର୍ବାଚନମଣ୍ଡଳୀର ବିଧାୟକ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ହଜାର ହଜାର ବିଜେଡି ସମର୍ଥକଙ୍କ ସହିତ ବଡ଼ପଦା, ଖଜୁରିପଦା, କ.ଖାଲରସିଂ, ନୂଆଗଡ, କେରେଡାଙ୍ଗ, ଆନ୍ତରଡା, ପରିମଳ, ସମ୍ବଲପୁର, ସିନ୍ଦୂରଡାଙ୍ଗ, କିରମା, ଅନୁଗୁର ପ୍ରଭୃତି ନୂଆଗଡ ବ୍ଲକ ୧୯ ପଞ୍ଚାୟତର ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ମୋହନା ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ, ନୂଆଗଡ଼ ବିଜେଡି ସଭାପତି ଜନ ମାଝୀ, ଏମ୍‌ପି ପ୍ରତିନିଧି ରିଙ୍କୁ ପାଣି, ଯୁବ ସଭାପତି ଅର୍ମିଏଲ ଏଡଲା, ଜିଲା ସମ୍ପାଦକ ଯକ୍ଷ ରଇତ, ବରିଷ୍ଠ ବିଜେଡି କର୍ମୀ ହୃଦଗ୍ର ପାଣି, ସମିତି ସଭ୍ୟା ସୁନିତା ପାଣି, ସମିତି ସଭ୍ୟ ମାନୁଏଲ ଛିଞ୍ଚାଣୀଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀଙ୍କ ସହ ନୂଆଗଡ ବ୍ଲକର ପ୍ରତ୍ୟେକ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଭୋଟ ମାଗିବା ସମୟରେ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ, ସଭାପତି ଜଗବନ୍ଧୁ ଦାସ, ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ ଏବଂ ବରିଷ୍ଠ ବିଜେଡି କର୍ମୀମାନଙ୍କୁ ମହିଳାମାନେ ସମ୍ବର୍ଦ୍ଧନା ଜଣାଇଥିଲେ। କିରମା ପଞ୍ଚାୟତରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସଭାପତି ଜଗବନ୍ଧୁ ଏବଂ ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଉତ୍ତରୀୟ ଦେଇ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ।







କନିଷି ଆସିଥିବା ପ୍ରଧାନମନ୍ତ୍ରୀଙ୍କୁ ଫଟୋଚିତ୍ର ଦେବାକୁ ଅପେକ୍ଷାରତ ଯୁବକ।

ଭାଜପା ଜନସମାବେଶକୁ ଆସିଥିବା ଦଳୀୟ କର୍ମୀ ଓ ଜନସାଧାରଣ।

## ଘରୁ ଇନ୍‌ଭର୍ଟର ଚୋରି

ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ): ସ୍ଥାନୀୟ ବିଜୟ ବିହାର ମୁଖ୍ୟ ଲାଇନରେ ଜଣେ ବ୍ୟକ୍ତିଙ୍କ ଘରୁ ଏସି ୱାୟାର ଓ ଇନଭର୍ଟର ମେଶିନ ଚୋରି ହୋଇଛି। ଏ ସମ୍ପର୍କରେ ଘର ମାଲିକ ଅନୁପ କୁମାର ପଣ୍ଡା ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଶନିବାର ଅପରାହ୍ନରେ ଆମେ ଖାଇ ବସିଥିବାବେଳେ ଜଣେ ଅଜଣା ବ୍ୟକ୍ତି ଘର ଭିତରକୁ ଆସି ଦାଣ୍ଡପଟ ଗେଟ ଖୋଲି ଘରେ ଥିବା ଏସି ୱାୟାର ଏବଂ ଏକ ଇନଭର୍ଟର ଖୋଲି ନେଇ ପଳାଇଯାଇଛନ୍ତି। ଲାଇନ ପଳାଇଥିବ ବୋଲି ଭାବି ଆମେ ଖାଇ ସାରିବା ପରେ ଆସି ଦେଖିଲା ବେଳକୁ ଇନଭର୍ଟର ନାହିଁ। ଏହାର ତଦନ୍ତ କରିବାକୁ ଅନୁପ ପୋଲିସକୁ ଅନୁରୋଧ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ.୪୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବୁଗୁଡ଼ା ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ବୁଗୁଡ଼ା, ୬।୫(କାଳିଚରଣ ଦାଶ)

ବୁଗୁଡ଼ା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କରଚୁଲି ପଞ୍ଚାୟତ ଓ ପୋଲସରା ଏନ୍‌ଏସିର ଯୁବକମାନେ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୋଲସରା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଜିତେଇବା ପାଇଁ ବିଜେଡିରେ ଯୋଗଦେଇଥିବା ସେମାନେ କହିଛନ୍ତି। ପୋଲସରା ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଭାଜପାରେ ସାମିଲ କରିଥିଲେ। ମିଶ୍ରଣ ପର୍ବରେ ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ଧୋବା ପ୍ରଧାନ, ସୁନୀଲ ପାଢ଼ୀ, ବବଲୁ ନାୟକ, ହରେକୃଷ୍ଣ ସାହୁ, କେଦାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ସରକାର ଆସିଲେ ବିକାଶ ହେବ

ବ୍ରହ୍ମପୁର,୬।୫(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ନିକଟ କନିଷିଠାରେ ସୋମବାର ଭାଜପାର ନିର୍ବାଚନୀ ପ୍ରଚାର ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ମୋଦି ପୂର୍ବାହ୍ନ ୧୦ଟା ୧୫ରେ ସଭାସ୍ଥଳରେ ପହଞ୍ଚିଥିଲେ। ସାଢ଼େ ୧୦ଟାରୁ ୧୧ଟା ୧୦ ପର୍ଯ୍ୟନ୍ତ ସେ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏହାପୂର୍ବରୁ ସଭାରେ ଉପସ୍ଥିତ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କ ଭାଷଣରେ ରାଜ୍ୟରେ ବିଜେଡି ଯାଉଛି, ଭାଜପା ଆସୁଛି ବୋଲି କହିଥିଲେ। ଭାଜପା ଆସିଲେ ରାଜ୍ୟର ବିକାଶ ହେବ। ଦେଶରେ ପ୍ରଧାନମନ୍ତ୍ରୀ ସଫଳ କାର୍ଯ୍ୟ କରୁଛନ୍ତି। ନରେନ୍ଦ୍ର ମୋଦି ଦେଶରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ରାଜ୍ୟରେ ଭାଜପା ସରକାର ଆସିଲେ ୩୧୦୦ ଟଙ୍କାରେ ଧାନ କିଣିବୁ। ଚିଟଫଣ୍ଡ ଟଙ୍କା ଫେରାଇବୁ। ମତ୍ସ୍ୟଜୀବୀଙ୍କୁ ଗୁରୁତ୍ୱ ଦିଆଯିବ। କରାପଲ୍ଲୀ, ଆର୍ଯ୍ୟପଲୀ ଓ ପାତି ସୁନାପୁରରେ ଜେଟି ନିର୍ମାଣ କରାଯିବ। ଗୋପାଳପୁର ପର୍ଯ୍ୟଟନ କେନ୍ଦ୍ର ପାଲଟିବ। କୃଷି ଭିତ୍ତିକ ଶିଳ୍ପ, ଶୀତଳ ଭଣ୍ଡାର ନିର୍ମାଣ ହେବ ଏବଂ ମହିଳାଙ୍କର ଉନ୍ନତି ହେବ ବୋଲି ସେ କହିଥିଲେ। ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଭ୍ରଷ୍ଟାଚାର ଓ ଦୁର୍ନୀତି ସରକାରଙ୍କୁ ହଟାଇ ସୁଶାସନ ସରକାର ଗଢିବା ପାଇଁ ଆହ୍ୱାନ ଦେଇଥିଲେ। ମୋଦି ବ୍ରହ୍ମପୁର ମାଟିକୁ ଆସିବା ପରେ ବୈପ୍ଳବିକ ପରିବର୍ତ୍ତନ ହେବ। ଜିଲାରୁ ଲୋକେ ସୁରଟ ଯାଉଛନ୍ତି। ଭାଜପା ସରକାର ଆସିଲେ ଯୁବକ, ମହିଳା ଓ ବରିଷ୍ଠ ନାଗରିକଙ୍କ ସର୍ବାଙ୍ଗୀନ ଉନ୍ନତି ହେବ ବୋଲି କହିଥିଲେ। ଆସିକା ଏମ୍‌ପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ ତାଙ୍କ ବାପା ରାମକୃଷ୍ଣ ପଟ୍ଟନାୟକ ନବୀନ ପଟ୍ଟନାୟକଙ୍କୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ରହିଥିଲା ବୋଲି କହିଥିଲେ। ସେ ସମୟର ସରକାର ଏବେକାର ସରକାର ଭିତରେ ବହୁତ ଫରକ ଆସିଯାଇଛି। ତେଣୁ ବର୍ତ୍ତମାନ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଦିଗପହଣ୍ଡି ବିଧାନସଭା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ବିଜେଡି ସରକାର ଅମଳରେ ଜିଲାରେ ଶିଳ୍ପ ନାହିଁ। ସରକାର କୌଣସି କାର୍ଯ୍ୟ କରୁନାହାନ୍ତି। ଭାଜପା ସରକାର ଆସିଲେ ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ। ଯୁବପିଢ଼ି ଓ ମହିଳାଙ୍କର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଗୋପାଳପୁର ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନା ଜିଲାର ବିକାଶ ପାଇଁ ଭାଜପାକୁ ଜିତାଇବା, ମୋଦିଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ କରାଇବା, ରାଜ୍ୟରେ ଭ୍ରଷ୍ଟାଚାର ସରକାରଙ୍କୁ ହଟାଇ ଭାଜପା ସରକାର ପାଇଁ ଏକାଠି ହୋଇ ଲଢିବା ପାଇଁ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲିକ, କେ. ଅନୀଲ କୁମାର, କୃଷ୍ଣ ନାୟକ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ନୀଳ ବିଶୋୟୀ, ଉତ୍ତମ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସରୋଜ ପାଢ଼ୀଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ। ସଭାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା।



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ବୋଧନ ଦେଉଛନ୍ତି।

## ଅଗ୍ନିକାଣ୍ଡରେ ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜଳିଗଲା

ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ): ଗୋସାଇଁନୂଆଗାଁ ସାମନ୍ତରାୟ ଏକାଡେମୀ ନିକଟରେ ଥିବା ଏକ ଗୋଦାମରେ ସୋମବାର ପୂର୍ବାହ୍ନରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମରେ ଥିବା ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଭୋଜି ଓ ଫାଷ୍ଟଫୁଡ଼ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ବ୍ରହ୍ମପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶର୍ଟ ଶର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ସାମନ୍ତରାୟ ଏକାଡେମୀ ସମ୍ମୁଖରେ ଥିବା ଏକ ଘରେ ପି. ସତୀଶ ପାତ୍ର ଓ ତାଙ୍କ ଭାଇ ପି. ନାଗେଶ୍ୱର ପାତ୍ରଙ୍କ ଗୋଦାମରେ ଲକ୍ଷ ଲକ୍ଷ ଟଙ୍କାର ପ୍ଲାଷ୍ଟିକ, ଜରି ଓ ଖଲିପତ୍ର ପ୍ଲେଟ, ଗିନା, ଦନା, ଚାମଚ, ଟିସୁ ପେପର, ଟେବୁଲ ରୋଲ, ଗ୍ଲାସ ଆଦି ବିକ୍ରି ପାଇଁ ମହଜୁଦ ଥିଲା। ସୋମବାର ସକାଳେ ସତିଶ ଗୋଦାମକୁ ଯାଇ ୯ଟାରେ ଫେରିଥିଲେ। ଏହାର ପ୍ରାୟ ଘଣ୍ଟାକ ପରେ ଗୋଦାମରୁ ଧୂଆଁ ବାହାରୁଥିବା ସାମନ୍ତରାୟ ଏକାଡେମୀର କର୍ମଚାରୀ ଦେଖି ସତୀଶଙ୍କୁ ଖବର ଦେଇଥିଲେ। ସତୀଶ ସେଠାରେ ପହଞ୍ଚି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ବହୁ ସାମଗ୍ରୀ ପୋଡ଼ି ସାରିଥିଲା । ସତୀଶ କହିଛନ୍ତି, ତାଙ୍କ ଗୋଦାମରୁ ଓଡ଼ିଶାର ବିଭିନ୍ନ ଜିଲାକୁ ଭୋଜି ସାମଗ୍ରୀ ଯୋଗାଣ ହେଉଥିଲା। ପ୍ରାୟ ସମସ୍ତ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ):

ଅନ୍ଧପସରା ରୋଡ଼ରେ ରବିବାର ରାତିରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡବଜାର ଥାନା ଅନ୍ତର୍ଗତ ରଙ୍ଗୁଣିବନ୍ଧ ସାହିର ସଞ୍ଜିବ କୁମାର ନାୟକ(୨୫)। ଟ୍ରାଫିକ ପୋଲିସ ସୋମବାର ସକାଳେ ଏମ୍‌କେସିଜି ସଂରକ୍ଷଣ କକ୍ଷରେ ଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ଭାଇ ମନୋଜ କୁମାର ନାୟକଙ୍କ ଅଭିଯୋଗ ଅନୁସାରେ ନଂ.୨୫୯/୨୪ରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଚାଳକଙ୍କୁ ଧରିବା ପାଇଁ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ରବିବାର ସନ୍ଧ୍ୟାରେ ସଞ୍ଜୀବ କୌଣସି କାମରେ ଗୋସାଣିନୂଆଗାଁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ନିଜ ସ୍କୁଟି (ନଂ.ଓଡି ୦୭ ଏଏଚ ୭୩୫୧)ରେ ଅନ୍ଧପସରା ରାସ୍ତା ଦେଇ ଫେରୁଥିବା ବେଳେ ଆମ୍ଭ ମାର୍କେଟ ପୂର୍ବରୁ ପଛପଟୁ ଏକ ଭାରିଯାନ ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ କିଛି ଲୋକ ସେଠାରେ ପହଞ୍ଚି ଗୁରୁତର ସଞ୍ଜିବଙ୍କୁ ଆମ୍ବୁଲାନ୍ସରେ ଏମକେସିଜି ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କନିଷିରେ ବ୍ରହ୍ମପୁର ଭାଜପାର ମିଶ୍ରଣ ପର୍ବ

ବ୍ରହ୍ମପୁର,୬।୫(ନରସିଂହ ସାହୁ)

### ପଦ୍ମ ଦଳରେ ମିଶିଲେ ଶିବ ସାହାଣୀ

ବ୍ରହ୍ମପୁର ଭାଜପାର ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାନଗର ନିକଟ କନିଷି ପଡ଼ିଆରେ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶାଳ ନିର୍ବାଚନୀ ସମାବେଶ ସ୍ଥଳରେ ଏବଂ ମୋଦି ଫେରିବା ପରେ ଆୟୋଜିତ ମିଶ୍ରଣ ପର୍ବରେ ବ୍ରହ୍ମପୁର ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ପ୍ରାକ୍ତନ ପୌର ଉପନଗରପାଳ ଜାମୁଲା ଶଙ୍କର ନାରାୟଣ ଓ ମହିଳା ବିଜେଡି ନେତ୍ରୀ ଜେ. ସୁଷମା ରାଣୀଙ୍କ ସମେତ ବିଭିନ୍ନ ସ୍ତରର ୫୦ରୁ ଅଧିକ ମହିଳା ଓ ପୁରୁଷ ଭାଜପାରେ ଆନୁଷ୍ଠାନିକ ଭାବେ ମିଶିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ଲୋକ ସଭା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରି ଦଳର ଉତ୍ତରୀୟ ପିନ୍ଧାଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ସାହାଣୀ ଓ ଅନ୍ୟ ନେତ୍ରୀନେତା ୧୫ ଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିଲେ। ଜିଲା ସଂଗଠନ ପକ୍ଷରୁ ସେମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିଥିଲେ। ବ୍ରହ୍ମପୁର ଓ ଗୋପାଳପୁର କ୍ଷେତ୍ରରେ ହଜାର ହଜାର ଦଲୁଆ ଜାତିର ଭୋଟର ଅଛନ୍ତି। ପୂର୍ବତନ ବିଧାୟକଙ୍କ ବିଶେଷ ପ୍ରଭାବ ରହିଛି। ସେହିପରି ତେଲୁଗୁ କମ୍ୟୁନିଟିରେ ଜାମୁଲା ଦମ୍ପତିଙ୍କ ପ୍ରଭାବ ଅଛି। ନିର୍ବାଚନ ପରିପ୍ରେକ୍ଷୀରେ ସେମାନଙ୍କ ବିଜେଡିରୁ ଇସ୍ତଫା ଏବଂ ଭାଜପାରେ ସାମିଲ ହେବା ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସମସ୍ୟାରେ ପକାଇବ ରାଜନୀତି ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମିଶ୍ରଣ କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ରହ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାର, ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଭାଜପା ବିଧାୟକ ପ୍ରାର୍ଥୀ, ଜିଲା ସଂଗଠନ ସଭାପତି ଡ଼ା. ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୬।୫ (ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ରେଳବାଇ ଥାନା(ଜିଆରପି) ଅନ୍ତର୍ଗତ ଛତ୍ରପୁର ରେଳ ଷ୍ଟେଶନ ନିକଟରେ ସୋମବାର ସକାଳେ ଏକ ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ନିକଟ ଜୁଆନପଲ୍ଲୀର ସ୍ୱର୍ଗତ ସୁରେନ୍ଦ୍ର ବେହେରାଙ୍କ ସ୍ତ୍ରୀ ପୁଷ୍ପା ବେହେରା(୫୦)। ଋଣ ଚାପରୁ ସେ ଏଭଳି ପଦକ୍ଷେପ ନେଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ପୋଲିସ ଶୁଣିବାକୁ ପାଇଛି। ଏ ନେଇ ବ୍ରହ୍ମପୁର ସରକାରୀ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ ୩୯/୨୪) ରୁଜୁ ହୋଇଛି । ସୋମବାର ପୂର୍ବାହ୍ନ ସାଢ଼େ ୧୦ ଟା'ରେ ଛତ୍ରପୁର ରେଳ ଷ୍ଟେଶନ ନିକଟ ଲେବଲ କ୍ରସିଂ ପାଖରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଜିଆରପି ଥାନାକୁ ଖବର ମିଳିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ସେହିପରି ରବିବାର ଠାରୁ ମହିଳା ଜଣଙ୍କ ନିଖୋଜ ଥିବା ବେଳେ ତାଙ୍କ ପୁଅ ଅଜିତ କୁମାର ବେହେରା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲେ। ଖବରପାଇ ପୁଅ ଓ ବୋହୁ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଥିଲା। ପୁଷ୍ପା ଗାଁର ଜଣେ ବ୍ୟକ୍ତିଙ୍କ ଠାରୁ କୌଣସି କାମ ପାଇଁ ଲକ୍ଷାଧିକ ଟଙ୍କା ଧାର ନେଇଥିଲେ। ହେଲେ ସେହି ଟଙ୍କା ସୁଝି ନପାରିବାରୁ ଉକ୍ତ ବ୍ୟକ୍ତି ଜଣଙ୍କ ଘର ନିକଟକୁ ଆସି ପାଟିତୁଣ୍ଡ କରୁଥିଲେ । ଯାହାକୁ ନେଇ ପୁଷ୍ପା ମାନସିକ ଚାପରେ ରହୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ରବିବାର ଠାରୁ ସେ ଘରୁ ଚାଲି ଆସିଥିଲେ । ଛତ୍ରପୁର ରେଳ ଷ୍ଟେସନ ନିକଟକୁ ଆସିବା ପରେ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଡେଇଁ ପଡିବାରୁ ତାଙ୍କୁ ମୃତ୍ୟୁ ହୋଇଯାଇଥିବା ଶୁଣିବାକୁ ମିଳିଛି ।

## ରକ୍ତପଟା ଗାଁରୁ ପୁରୀ ଗଲା ରଥକାଠ



ଶେରଗଡ,୬।୫(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ କରଡାକଣା ପଞ୍ଚାୟତର ରକ୍ତପଟା ଗ୍ରାମରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପୁରୀକୁ କାଠ ପଠାଯାଇଛି। ସୋମବାର ପୂଜାର୍ଚ୍ଚନା ପରେ ଚିହ୍ନଟ ଗଛକୁ କଟାଯାଇ ପୁରୀରୁ ଆସିଥିବା ଏକ ଟ୍ରକରେ ପଠାଯାଇଛି। ପ୍ରାୟ ୪୭୦ ସିଏଫଟି କାଠକୁ ଗାଡିରେ ଗଲାବେଳେ ରକ୍ତପଟା ଗ୍ରାମରେ ବିଭିନ୍ନ ବାଦ୍ୟ ବାଜଣାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଟ୍ରକ୍ କରଡାକଣା ବରମୁଣ୍ଡଲୀ ଓ ଶେରଗଡ ଚାରିଛକ ଦେଇ ପୁରୀ ଅଭିମୁଖେ ଯାଇଛି। କାଠ ଯିବା ସମୟରେ ଆସିକା ଫରେଷ୍ଟ ରେଞ୍ଜର ପ୍ରମୋଦ ପଣ୍ଡା, ଷଢଙ୍ଗୀପଲ୍ଲୀ ଫରେଷ୍ଟର ପି ସୂରଜ କୁମାର , କରଡାକଣା ଫରେଷ୍ଟର ରାଜେନ୍ଦ୍ର ରାଉତ,ବନ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବଳାତ୍କାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ): ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି । ସେ ହେଲେ ଗାଙ୍ଗପୁର ଥାନା କେନ୍ଦୁପଦରର ହରପ୍ରସାଦ ବିଶ୍ୱାଳ(୩୦) । ପୋଲିସ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରି ଘଟଣାର ତଦନ୍ତ କରୁଛି। ନଂ. ୧୪୭/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ବ୍ରହ୍ମପୁର ବଡବଜାର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରାୟ ୭ ବର୍ଷ ତଳେ ହରପ୍ରସାଦଙ୍କ ସମ୍ପର୍କ ଗଢି ଉଠିଥିଲା। ସେତେବେଳେ ଯୁବତୀ ଜଣଙ୍କ ନାବାଳିକା ଥିଲେ । ହରପ୍ରସାଦ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବ୍ରହ୍ମପୁରର ବିଭିନ୍ନ ଲଜକୁ ନେଇ ତାଙ୍କ ଇଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ । ୨ ମାସ ତଳେ ହରପ୍ରସାଦଙ୍କ ବିବାହ ଅନ୍ୟତ୍ର ଠିକ ହୋଇଥିବା ଯୁବତୀ ଜଣଙ୍କ ସୂଚନା ପାଇଥିଲେ। ପରେ ସେ ପ୍ରତାରଣାର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଅନିଲଙ୍କ ପାଇଁ ଭାରି ପଡ଼ିବେ ପିଣ୍ଟୁ

ବ୍ରହ୍ମପୁର,୬।୫(ଅଶୋକ କୁମାର ସାହୁ):

ବ୍ରହ୍ମପୁର ବିଧାନସଭା ଆସନର ରାଜନୈତିକ ସ୍ଥିତି ରୋଚକ ହେବାରେ ଲାଗିଛି। ଏଥର ଭାଜପାର କେ.ଅନିଲ କୁମାର, କଂଗ୍ରେସର ଦୀପକ ପଟ୍ଟନାୟକ ନୂଆ ଚେହେରା ପ୍ରାର୍ଥୀ ହୋଇଥିବାବେଳେ ବିଜେଡି ଏଠାରୁ ୫ ଥର ଜିତିଥିବା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ପ୍ରଥମେ ଭାଜପା ଓ ବିଜେଡି ଭିତରେ କଡା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଥିଲା। ଏବେ କିନ୍ତୁ ପରିସ୍ଥିତି ଭିନ୍ନ ମୋଡ ନେଇଛି। ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାସ (ପିଣ୍ଟୁ)ଙ୍କ ଭୂମିକାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଆଲୋଚନା ଚାଲିଛି। କାରଣ ୨୦୧୪ରେ ସେ ଭାଜପାରୁ ଲଢ଼ି ୨୪,୦୯୨ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ୨୦୧୯ରେ ଭାଜପା ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ଲଢ଼ି ୯,୮୨୧ ଭୋଟ ପାଇ ସେହି ତୃତୀୟ ସ୍ଥାନରେ ଥିଲେ। ଚଳିତଥର ମଧ୍ୟ ପିଣ୍ଟୁ ଭାଜପା ଟିକେଟ ଆଶାୟୀ ଥିଲେ। ହେଲେ ଦଳ ତାଙ୍କୁ ଅଣଦେଖା କରି ବିଜେଡିରୁ ଆସିଥିବା କେ.ଅନିଲ କୁମାରଙ୍କୁ ପ୍ରାର୍ଥୀ କଲା। ତେଣୁ ନିଜ ଲୋକପ୍ରିୟତା ଥିବାରୁ ସମର୍ଥକଙ୍କ ବିଚାରକୁ ନେଇ ପିଣ୍ଟୁ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଅନିଲଙ୍କ ପାଇଁ ପିଣ୍ଟୁ ଭାରି ପଡ଼ିବେ ଏଥିରେ ସନ୍ଦେହ ନାହିଁ। ଅନ୍ୟପକ୍ଷରେ ଅନିଲଙ୍କ ଭଉଣୀ କେ.ମାଧବୀ ପୂର୍ବରୁ ବିଜେଡିରେ ଥିଲେ।



କେ.ଅନୀଲ,



ଶିବଶଙ୍କର ଦାସ(ପିଣ୍ଟୁ)।

ଏବେ ବି ସେ ବିଜେଡିରେ ମିଶି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଏହି ଦୁଇ ଜଣ ଅନିଲଙ୍କ ପାଇଁ କଣ୍ଟା ସାଜିବେ ବୋଲି ଚର୍ଚ୍ଚା ଜୋର ଧରିଛି।

ବ୍ରହ୍ମପୁର ମହାନଗରର ୪୨ ୱାର୍ଡ ମଧ୍ୟରୁ ୧ରୁ ୩୬ ନଂ ପର୍ଯ୍ୟନ୍ତ ୱାର୍ଡ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଅର୍ନ୍ତଭୁକ୍ତ। ଅନିଲ ୨୦୦୩ରେ ୧୧ନଂ. ୱାର୍ଡରୁ ଓ ୨୦୦୮ରେ ୧୩ନଂ. ୱାର୍ଡରୁ ସ୍ୱାଧୀନ କାଉନସିଲର ଭାବେ ଜିତିଥିଲେ। ୨୦୧୩ରେ ବ୍ରହ୍ମପୁର ମହାନଗର ନିଗମ ହେବା ପରେ ୧୬ ନଂ. ୱାର୍ଡରେ ଭଉଣୀ କେ.ମାଧବୀଙ୍କୁ କର୍ପୋରେଟର ଭାବେ ବିଜେଡିରୁ ପ୍ରାର୍ଥୀ କରାଇ ଜିତାଇଥିଲେ। ମାଧବୀ ମହାନଗରର ପ୍ରଥମ ମହିଳା ମେୟର ହୋଇଥିଲେ। ତାଙ୍କ ରାଜନୈତିକ ଦକ୍ଷତା ସେଭଳି ସୁଦୃଢ଼ ନ ଥିବା ଆଲୋଚନା ହେଉଛି। ଏଣେ ଭଉଣୀ ମେୟର ଥିବାବେଳେ ତାଙ୍କ ନିର୍ଣ୍ଣାୟକ ଭୂମିକା ଓ ବିଜେଡିରୁ କେତେଜଣ ଟାଣୁଆ ନେତା ଭାଜପାରେ ମିଶିବା ଏବଂ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ ନେଇ ଅନିଲ ଭୋଟ ହାତେଇବେ ବୋଲି ଆଶାବାଦୀ ଅଛନ୍ତି। କିନ୍ତୁ ଭାଜପାରେ ଯେଉଁମାନେ ଆଶାୟୀ ଥିଲେ ସେମାନେ ତାଙ୍କ ସମର୍ଥକଙ୍କ ସହ କରଛଡା ଦେବା ସାଧାରଣ କଥା। ଏପଟେ ଭାଇ ଭାଜପାରୁ ପ୍ରାର୍ଥୀ ହୋଇଥିଲେ ବି ମାଧବୀ ବିଜେଡିରେ ଅଛନ୍ତି। ତାଙ୍କୁ ମୋହରା କରି ବିଜେଡି ସହାନୁଭୂତି ଭୋଟ ହାତେଇବା ଆଶାରେ ରହିଛି। ତେଣୁ ପିଣ୍ଟୁ ଓ ମାଧବୀ ନିଶ୍ଚିତ ଭାବେ ଅନିଲଙ୍କ ପାଇଁ ମହଙ୍ଗା ପଡିବେ ଏଥିରେ ସନ୍ଦେହ ନାହିଁ। ବିକାଶକୁ ଯଦି ନିରେଖିବା ପିଣ୍ଟୁ ମେୟର ଥିବାବେଳେ ବ୍ରହ୍ମପୁରର ଅନେକ ବିକାଶ ହୋଇଥିବା କାହାକୁ ଅଛପା ନାହିଁ। ସେ ମଧ୍ୟ ପ୍ରଚାର ବେଳେ ଏହା କହି ବୁଲୁଛନ୍ତି। ଗତ କିଛି ଦିନ ତଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଭାଜପା ଗଞ୍ଜାମ ଜିଲା ସଭାପତି ସୁବାସ ସାହୁ ପିଣ୍ଟୁଙ୍କ ଘରକୁ ଆସି ଆଲୋଚନା କରିଥିଲେ। ତେବେ ସେମାନେ କାହିଁକି ଆସି ପିଣ୍ଟୁଙ୍କୁ ଭେଟିଥିଲେ ତାହା ଜଣାପଡିନାହିଁ। ସେ ଯାହା ହେଉନା କାହିଁକି ବିଜେଡି, ଭାଜପା ଓ କଂଗ୍ରେସ ବିକାଶର ନାରା ଦେଉଥିବାବେଳେ ପିଣ୍ଟୁ ତାଙ୍କ ସମୟରେ ହୋଇଥିବା ସହରର ବିକାଶ ଓ ଏବେ କ'ଣ ହୋଇଛି ତାକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। ତେଣୁ ସେ ଭାଜପା ପାଇଁ ମହଙ୍ଗା ସାବ୍ୟସ୍ତ ହେବେ ଏଥିରେ ସନ୍ଦେହ ନାହିଁ ବୋଲି ଆଲୋଚନା ହେଉଛି।

**NOTICE**

I, Natabar Sahu, S/o Late Mangulu Sahu resident of Gaigotha Street, Berhampur, Ganjam, Odisha, 760009 do hereby declare that

1. My Father Mr. Mangulu Sahu and Mother Mrs. Kunti Sahu died in the year 2017 and 2021 respectively.
2. My one Brother Mr.Tripati Sahu, died on 2003 also at the time of his death he was unmarried and had no legalheir / successor.
3. Below mentioned Property was jointly owned by Myself Natabara Sahu and my brother Mr. Tripati Sahu Post My brother's death I am (Natabara Sahu) the sole surviving owner of this property and having peaceful possession of it for last 16 years.
4. My Father Late Mangulu Sahu do not have or had any other Siblings ever except Mr. Tripati Sahu. I am giving this declaration which is true and best to my information and knowledge.

**Regards,**
**Natabara Sahu**
**Mob - 9437135002, 7008389772**

